# ପିଲାମାନଙ୍କ ପାଇଁ ବାଇବଲ
## ଉପହାର



ଏକ ବାଳିକା
ଯେ ଦ୍ୱୀତୀୟଥର
ବଞ୍ଚିଲା

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,• ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯାଈରସ ନାମରେ ଏକ ଯୀହୁଦି ଧର୍ମଗୁରୁ ଥିଲେ, ଯେ ପରମେଶ୍ୱରଙ୍କୁ ସେବା ଓ ପରମେଶ୍ୱରଙ୍କ ବାକ୍ୟ ଅନ୍ୟମାନଙ୍କୁ ଶିଖାଉଥିଲେ । ଏକ ସମୟରେ, ଏକ ଭୟଙ୍କର ସମସ୍ୟା ଯାଈରସଙ୍କ ଜୀବନରେ ଆସିଲା । ତାଙ୍କର ଏକ କନ୍ୟା ଥିଲା, ତାଙ୍କୁ ମାତ୍ର ବାର ବର୍ଷ ହୋଇଥିଲା ।



ସେ ରୋଗରେ ପିଡ଼ିତା ଥିଲେ । ହୋଇପାରେ କେହିମଧ୍ୟ ତାଙ୍କୁ
ସାହାଯ୍ୟ କରିପାରିଲେ ନାହିଁ । ସେ ଏକ ଅନ୍ୟପ୍ରକାର
ରୋଗରେ ଶିକାର ହୋଇଥିଲେ ।
ଯାଇରସ ଜାଣିଥିଲେ ଯେ
ସେ ମରୁଅଛି ।



ସେ ହିଁ କେବଳ ଏକ ଲୋକ ଯାଇରସଙ୍କ କନ୍ୟାକୁ ସାହାଯ୍ୟ କରିପାରିବେ । ଯାଇରସ ଯୀଶୁଙ୍କୁ ଖୋଜି ନିଜ ଘରକୁ ଆଣିବାକୁ ବାହାରିଗଲେ । ସେ ଜାଣିଥିଲେ ଯେ ତାଙ୍କର ସେହି



କିନ୍ତୁ ଯାଇରସ ତାହାଙ୍କୁ ଖାତିରି କରିଲେ ନାହିଁ । ସେ ଯଥାଶୀଘ୍ର ନିଜ କନ୍ୟାର ମୃତ୍ୟୁ ପୂର୍ବରୁ ଯୀଶୁଙ୍କ ସାହାଯ୍ୟ ନେବା ଆବଶ୍ୟକ ।





ଯାଇରସ ଭେଟିବା
ସମୟରେ ଅନେକ
ଲୋକ ଯୀଶୁଙ୍କୁ
ଘେରି ରହିଥିଲେ ।
ସେ ଯୀଶୁଙ୍କ
ପାଦତଳେ ପ୍ରଣାମ
କଲେ ।

ମୋହର ଛୋଟ ଝିଅ ମୃତୁର ଶଯ୍ୟାରେ ପିଡ଼ିତା,

ସେହି ଦୁଃଖି ମନୁଷ୍ୟ ଯୀଶୁଙ୍କୁ ପ୍ରାର୍ଥନା କଲେ । ଆପଣ ଆସି ତାହା ଉପରେ ହସ୍ତ ଥୋଇବା ହେଉନ୍ତୁ ଯେପରି ସେ ସୁସ୍ଥତା ପାଏ ଏବଂ ସେ ବଞ୍ଚିବ ।





ଯୀଶୁ ଯାଈରସଙ୍କ ସହିତ ଗଲେ, ମାତ୍ର ଲୋକମାନଙ୍କ ଅତ୍ୟଧିକ ଭିଡ଼ ସକାଶୁଁ ସେମାନେ ଶିଘ୍ର ସେଠାରୁ ବାହାରିଯାଇ ପାରିଲେ ନାହିଁ । ଏକ ସ୍ତ୍ରୀ ଯେ ଲମ୍ବା ସମୟ ବାରବର୍ଷ ପର୍ଯ୍ୟନ୍ତ ବିମାର ଥିଲେ । ସେ ସମସ୍ତ ପ୍ରକାର ଡାକ୍ତର ମାନଙ୍କୁ ଦେଖା କରି ବହୁ ସଂପତ୍ତି ନଷ୍ଟ କଲେ । ତଥାପି ସେ ନିଜ ରୋଗରୁ ମୁକ୍ତ ହୋଇ ପାରିଲେ ନାହିଁ । ଓହ୍ ସେ କିପରି ଯୀଶୁଙ୍କୁ ଦାଖିବାକୁ ଚାହିଁଥିବେ ।



ଏବେ ସେ ସ୍ତ୍ରୀ କଅଣ କରିବେ? ଯଦି କେବଳ ତାହାର ଲୁଗାର ଝୁଁପା ଷ୍ପର୍ଶକଲେ ମୁଁ ସୁସ୍ଥତା ପାଇବି, ସେହି ସ୍ତ୍ରୀ ଚ଼ିନ୍ତା କଲେ । ସେ ଯୀଶୁଙ୍କ ଆଡ଼କୁ ନିଜ ପାଦ ବଢ଼ାଇଲା । ତାପରେ ନିଜ ହସ୍ତ ବଢ଼ାଇ ତାଙ୍କର ଲୁଗା ଛୁଇଁଲା ।

ଏକ ଆଶ୍ଚର୍ଯ୍ୟକର୍ମ, ଏହା ଏକ ଆଶ୍ଚର୍ଯ୍ୟକର୍ମ, ସେହି ସ୍ତ୍ରୀ ସୁସ୍ଥତା ପଇଲା । ସଂଙ୍ଗେ ସଂଙ୍ଗେ, ସଂପୁର୍ଣ୍ଣ ଭାବରେ, ସେ ଜାଣିପାରିଲା ଯେ ସେ ସୁସ୍ଥତା ପାଇସାରିଅଛି, ସବଳ ଅଟେ । ସେତେବେଳେ ଏକ ଶବ୍ଦ ଶୁଣାଗଲା । କିଏ ମୋତେ ସ୍ପର୍ଶ କଲା, ଯୀଶୁ ସେମାନଙ୍କୁ ପଚାରିଲେ, ଲୋକମାନଙ୍କ ମଧ୍ୟରୁ କେହି ତାଙ୍କୁ ସ୍ପର୍ଶ କରିଥିଲେ । ମାତ୍ର ଗହଳି ମଧ୍ୟରୁ ଏକ ସ୍ତ୍ରୀ ସେ ଜାଣିଥିଲା ଯେ ଯୀଶୁ ସେହି ବିଷୟରେ ତାଙ୍କ ମୁହଁରୁ ଶୁଣିବାକୁ ଚାହୁଁଛନ୍ତି । ଭୟରେ ଥରି ଥରି, ସେହି ସ୍ତ୍ରୀ ଯୀଶୁଙ୍କୁ ସମସ୍ତ ବିଷୟ ଜଣାଇଲେ ।



ସେହି ସମୟରେ, ଯାଈରସଙ୍କ ପରିବାରରୁ ଏକ ସେବକ ଆସିଲା ।

ସେମାନେ କହିବା ଆଗରୁ ସେ ବୋଧେହୁଏ ଦୁଃଖର ସମ୍ବାଦ ଜଣାଇଲେ ।



ତୁମ୍ଭର କନ୍ୟାର ମୃତ୍ୟୁ ହୋଇଯାଇଅଛି,

ସେମାନେ ଯାଈରସଙ୍କୁ କହିଲେ ।

ମୃତ! ବହୁତ ଡେରି ହୋଇ

ଯାଇଥିଲା । ଯଦି ସେହି ସ୍ତ୍ରୀ ଯୀଶୁଙ୍କୁ

ବିଳମ୍ବ କରିନଥାନ୍ତେ...ହୋଇପାରେ..

ଯଦି...ମୃତ, ଯାଇରସଙ୍କର

ଅତି ଆଦରର କନ୍ୟା

ଚ଼ାଲିଯାଇଥିଲା ।



ଯେତେବେଳେ ଯୀଶୁ ସେହି
ବିଷୟରେ ଶୁଣିଲେ, ସେ
କହିଲେ । ଭୟ କରନାହିଁ, କେବଳ
ବିଶ୍ୱାସ କର, ସେ ପୁନଶ୍ଚ ବଞ୍ଚିବ ।
ଏହା ନିଶ୍ଚିତ ଭାବରେ ଯାଇରସଙ୍କୁ
ଯୀଶୁଙ୍କୁ ସତରେ ବିଶ୍ୱାସ କରିବାକୁ
କଷ୍ଟ ଲାଗିଥାଇପାରେ । କାରଣ
ତାଙ୍କର କନ୍ୟାର ମୃତ
ହୋଇଥିଲା ।

ଗୃହ ଭିତରେ, କନ୍ୟାଟି ନିମନ୍ତେ ସମସ୍ତେ କୋଳାହଳ ଓ ରୋଦନ କରୁଥିଲେ । ସେ ମରିନାହିଁ ବରଂ ଶୋଇଅଛି, ଯୀଶୁ ସେମାନଙ୍କୁ କହିଲେ । ସେମାନେ ଯୀଶୁଙ୍କୁ ପରିହାସ କଲେ । କାରଣ ସେମାନେ ଜାଣିଥିଲେ କନ୍ୟାଟି ମରିଯାଇଅଛି ।



ଯୀଶୁ ସେ ସମସ୍ତଙ୍କୁ ବାହାର କରିଦେଲେ, ଏବଂ ଯୀଶୁ ସେହି କନ୍ୟାର ହସ୍ତକୁ ଧରି କହିଲେ, ଆଗୋ ବାଳିକା ଉଠ୍ । ଯାଈରସ ସେଠାରେ ଥିଲେ । ତାଙ୍କର ସ୍ତ୍ରୀ ସେଠାରେ ଥିଲେ । ତିନଜଣ ଯୀଶୁଙ୍କର ଶିଶ୍ୟ ମଧ୍ୟ ସେଠାରେ ଥିଲେ । ସେମାନେ ସମସ୍ତେ ଯୀଶୁଙ୍କ କହିବାର ଶୁଣିଲେ । ସେହି ମୃତ କନ୍ୟା ମଧ୍ୟ ତାହା ଶୁଣିପାରିଲା କି?



ସେହି ମୃତ କନ୍ୟା ଯୀଶୁଙ୍କ
ଆଜ୍ଞା ଶୁଣିଲେ, ତାହାର
ଆତ୍ମା ଫେରି ଆସିଲା,
ଏବଂ ସେ ସେହିକ୍ଷଣି
ଉଠିଲା । ଯୀଶୁ
ତାହାଙ୍କୁ ମୃତୁରୁ
ଉଠାଇଲେ ।



ସେହି କନ୍ୟାର ପିତାମାତା ଆଚମ୍ବିତ ହୋଇଗଲେ । କିଛି ଖାଇବାକୁ ଦେବାକୁ ଯୀଶୁ ସେମାନଙ୍କୁ ଆଜ୍ଞା କଲେ । ସେମାନେ କେତେ ଖୁସି ଅନୁଭବ କରିଥିବେ ଓ ଯୀଶୁଙ୍କୁ ଧନ୍ୟବାଦ କରିଥିବେ । ତାଙ୍କର ଅଦ୍ଭୁତ ପ୍ରେମ ଓ ଶକ୍ତି ସେମାନଙ୍କର କନ୍ୟାଙ୍କୁ ମୃତ୍ୟୁରୁ ଫେରାଇ ଆଣିଲା ।



# ଏକ ବାଳିକା ଯେ ଦ୍ୱୀତୀୟଥର ବଞ୍ଚିଲା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାର୍କ ୫, ଲୂକ ୮

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚି଼ରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬